ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/SME(Od)/278/01-03-2024

# ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର, ୦୧/୦୩/୨୦୨୪

ଚଳିତ ବର୍ଷ ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି (National Testing Agency) ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକ ପରୀକ୍ଷା (ଜେଇଇ ମେନ୍)ର ରେଜଲ୍ଟ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଶାନୁରୂପ ସଫଳତା ହାସଲ କରିଛନ୍ତି । ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏହି ସଫଳତାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତକରିବା ସହିତ ଆଦର୍ଶ ବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ପରିଚାଳକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଏହି ପରୀକ୍ଷାରେ ୩୬ ଜଣ ଛାତ୍ରଛାତ୍ରୀ ୯୦ ପରସେନ୍ଟାଇଲ (୯୦ Percentile)ରୁ ଊର୍ଦ୍ଧ୍ୱ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ଗଞ୍ଜାମ ଜିଲ୍ଲା ସେରଗଡ଼ ଆଦର୍ଶ ବିଦ୍ୟାଳୟର ବବୁଲ ପ୍ରଧାନ ୯୯.୧୪୯ ପର୍‌ସେଣ୍ଟାଇଲ୍ ମାର୍କ ରଖିଥିବାବେଳେ ୧୨ ଜଣ ଛାତ୍ର ୯୪ ପର୍‌ସେଣ୍ଟାଇଲ୍‌ରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ